# ରସସମୀକରଣମିତୀୟ ଗଣନା (ଭାଗ-୧)

Stoichiometric Calculations (Part-1)

ଓଡ଼ିଆ ଭିଡିଓ ନମ୍ବର -15

---

ଯୌଗିକ ଅଣୁର ସଂକେତ (formula) ଓ ଏକ ରାସାୟନିକ ସମୀକରଣ ସମ୍ବନ୍ଧୀୟ ସମସ୍ତ ଗାଣିତିକ ହିସାବକୁ ରସସମୀକରଣମିତି ବା ଷ୍ଟୋଇକିଓମେଟ୍ରି କୁହାଯାଏ ।

- ସଂଯୁତି ଷ୍ଟୋଇକିଓମେଟ୍ରି (Compositional stoichiometry)
- ପ୍ରତିକ୍ରିୟା ଷ୍ଟୋଇକିଓମେଟ୍ରି (Reaction stoichiometry)

ସାଧାରଣତଃ ଷ୍ଟୋଇକିଓମେଟ୍ରି କହିଲେ ପ୍ରତିକ୍ରିୟା ଷ୍ଟୋଇକିଓମେଟ୍ରିକୁ ବୁଝାଏ ।

---

ସଂଜ୍ଞା (Definition) Reaction stoichiometry

ସନ୍ତୁଳିତ (ସମତୁଲିତ) ସମୀକରଣ ଭିତ୍ତିକ ହିସାବକୁ ରାସାୟନିକ ଷ୍ଟୋଇକିଓମେଟ୍ରି କୁହାଯାଏ ।

Calculations based on balanced chemical equation are commonly called stoichiometric calculation. (Reaction stoichiometry)

---

- କୌଣସି ରାସାୟନିକ ପ୍ରତିକ୍ରିୟାରେ ପ୍ରତିକାରକ (reactants) ର ପରିମାଣ ସହିତ ଉତ୍ପାଦ (products) ର ପରିମାଣର ସମ୍ପର୍କ ସ୍ଥାପନ, ତାହାର ସନ୍ତୁଳିତ ସମୀକରଣ (balanced equation) ଦ୍ୱାରା କରାଯାଇଥାଏ
- ସମତୁଲିତ ସମୀକରଣ ବ୍ୟବହାର କରି ପ୍ରତିକାରକ ଓ ଉତ୍ପାଦ ମାନଙ୍କର ପରିମାଣର ସମ୍ପର୍କର ହିସାବକୁ ରସସମୀକରଣମିତି କୁହାଯାଏ । (stoichiometry)
- Calculations based on balanced equation are called stoichiometric calculations.

---

Reaction Stoichiometry

(1) ମୋଲ୍ - ମୋଲ୍ ସମ୍ପର୍କ (mole-mole Relationship)

(୨) ମୋଲ୍ - ବସ୍ତୁତ୍ୱ " (mole-mass ")

(3) ମୋଲ୍ - ଆୟତନ " (mole-volume ")

(4) ବସ୍ତୁତ୍ୱ - ବସ୍ତୁତ୍ୱ " (mass-mass ")

(5) ବସ୍ତୁତ୍ୱ - ଆୟତନ " (mass-volume ")

(6) ଆୟତନ - ଆୟତନ " (volume-volume ")

---

ମୋଲ୍ - ମୋଲ୍ ସମ୍ପର୍କ

(Mole-Mole Relationship)

ଉଦାହରଣ-୧/ mole-mole ଓ mass-mole ଓ mass-mass

| $2Na$ | + $Cl_2$ | → $2NaCl$ |
|---|---|---|
| 2 ପରମାଣୁ | 1 ଅଣୁ | 2 ଅଣୁ (ସୂତ୍ର ଏକକ) |
| $2\times N_A$ ପରମାଣୁ | $1\times N_A$ ଅଣୁ | $2\times N_A$ ଅଣୁ |
| 2 ମୋଲ ପରମାଣୁ | 1 ମୋଲ ଅଣୁ | 2 ମୋଲ ଅଣୁ |
| 2 ମୋଲର ବସ୍ତୁ | 1 ମୋଲର ବସ୍ତୁ | 2 ମୋଲର ବସ୍ତୁ |
| 2 ଗ୍ରାମ ପାରମାଣବିକ ବସ୍ତୁ | 1 ଗ୍ରାମ ଆଣବିକ ବସ୍ତୁ | 2 ଗ୍ରାମ ଆଣବିକ ବସ୍ତୁ |
| 2×23 g | 1×71 g | 2×58.5 g |

ଉଦାହରଣ-୨/

| $2NaHCO_3$ | $\xrightarrow{\Delta} Na_2CO_3$ | + $CO_2$ | + $H_2O$ |
|---|---|---|---|
| 2 ଅଣୁ | 1 ଅଣୁ | 1 ଅଣୁ | 1 ଅଣୁ |
| $2\times N_A$ ଅଣୁ | $1\times N_A$ " | $1\times N_A$ " | $1\times N_A$ " |
| ⇒ 2 ମୋଲ | 1 ମୋଲ | 1 ମୋଲ | 1 ମୋଲ |
| ⇒ 2 ମୋଲର ବସ୍ତୁ | 1 ମୋଲର ବସ୍ତୁ | 1 ମୋଲର ବସ୍ତୁ | 1 ମୋଲର ବସ୍ତୁ |
| ⇒ 2×84 g | 106 g | 44g | [illegible] |

ମୋଲ-ମୋଲ ସମ୍ପର୍କ

Q: 0.1 ମୋଲ ସୋଡିୟମ ବାଇକାର୍ବୋନେଟ ର ତାପଜ ବିଘଟନରୁ କେତେ ମୋଲ $CO_2$ ବାୟୁମଣ୍ଡଳକୁ ବାହାରିଥାଏ । ଏହି ପ୍ରତିକ୍ରିୟାରେ କେତେ ମୋଲ $Na_2CO_3$ ଅବଶେଷ ରହିଥାଏ ଓ କେତେ ମୋଲ ଜଳ, ବାଷ୍ପ ହୋଇ ବାହାରିଯାଇଥାଏ ? ($NaHCO_3 \xrightarrow{\Delta} Na_2CO_3 + CO_2 + H_2O$)

A: ପ୍ରଥମ ସମୀକରଣକୁ ସନ୍ତୁଳିତ କର

| $2NaHCO_3(s)$ | → $Na_2CO_3(s)$ | + $CO_2\uparrow$ | + $H_2O\uparrow$ |
|---|---|---|---|
| 2 ମୋଲ | 1 ମୋଲ | 1 ମୋଲ | 1 ମୋଲ |
| ତେବେ 0.1 ମୋଲ | $\frac{1}{2}\times 0.1$ = 0.05 ମୋଲ | $\frac{1}{2}\times 0.1$ = 0.05 ମୋଲ | $\frac{1}{2}\times 0.1$ = 0.05 ମୋଲ |

- ପ୍ରତିକ୍ରିୟାରେ ମୋଟ ମୋଲ ସଂଖ୍ୟାର ସଂରକ୍ଷଣ ଜରୁରି ପ୍ରତିକ୍ରିୟାରେ ହୋଇ ନଥାଏ ।
- କିନ୍ତୁ ବସ୍ତୁତ୍ୱର ସର୍ବଦା ସଂରକ୍ଷଣ ହୋଇଥାଏ । (Conservation of mass)
- 2 ମୋଲ $NaHCO_3$ ସମୁଦାୟ 3 ମୋଲ ଉତ୍ପାଦ ସୃଷ୍ଟି କରୁଛି । ତେଣୁ 0.1 ମୋଲ ପ୍ରତିକାରକ ମୋଟ 0.15 ମୋଲ ଉତ୍ପାଦ ସୃଷ୍ଟି କରୁଛି ।

ମୋଲ ଅଣୁ ସଂଖ୍ୟାର ସଂରକ୍ଷଣ ଅନେକ ପ୍ରତିକ୍ରିୟାରେ ହୋଇନଥାଏ ।

$H_2 + Cl_2 \rightarrow 2HCl$
ମୋଲ 1 1 2

$N_2 + 3H_2 \rightarrow 2NH_3$
ମୋଲ 1 3 2

$CaCO_3 \xrightarrow{\Delta} CaO + CO_2\uparrow$
ମୋଲ 1 1 1

$2Na_3PO_4 + 3BaCl_2 \rightarrow Ba_3(PO_4)_2\downarrow + 6NaCl$
ମୋଲ 2 3 1 6

$C + O_2 \rightarrow CO_2$
ମୋଲ 1 1 1

ମାତ୍ର ସମସ୍ତ ମୌଳିକର ପରମାଣୁ ମୋଲ ସଂଖ୍ୟା ଅପରିବର୍ତ୍ତିତ ରହେ ଏବଂ ବସ୍ତୁତ୍ୱର ସଂରକ୍ଷଣ ହୋଇଥାଏ ।

ପ୍ରଶ୍ନ: 1 ମୋଲ $(NH_4)_2Cr_2O_7$ ରେ କେତେ ମୋଲ N, H, Cr, O ପରମାଣୁ ରହିଥାନ୍ତି ?

ଉତ୍ତର:
N = 2 mol atoms
H = 8 " atoms
Cr = 2 " "
O = 7 " "

ପ୍ର: 2 ମୋଲ ଓଜୋନ ($O_3$) ରେ କେତେ ମୋଲ ଅକ୍ସିଜେନ ପରମାଣୁ ରହିଥାଏ ?
$2O_3$ ∴ 6 ମୋଲ 'O' atoms

ପ୍ରଶ୍ନ : $O_3 \rightarrow O_2$

ପ୍ରତିକ୍ରିୟାରେ ମୋଲ୍ ଅଣୁ ସଂଖ୍ୟା ଓ ମୋଲ୍ ପରମାଣୁ ସଂଖ୍ୟାର କଣ ପରିବର୍ତ୍ତନ ଘଟେ ।

ଉତ୍ତର : $2O_3 \rightarrow 3O_2$

| | $2O_3$ | $3O_2$ |
|---|---|---|
| ମୋଲ୍ ଅଣୁ | 2 | 3 |
| ମୋଲ୍ ପରମାଣୁ | 6 | 6 |
| | 96 g | 96 g |

---

Q : କେତେ ମୋଲ୍ $NaHCO_3$ ର ତାପାୟନ ଫଳରେ 0.5 ମୋଲ୍ $Na_2CO_3$ ମିଳିବ ? ଏହି ପ୍ରତିକ୍ରିୟାରେ କେତେ ମୋଲ୍ $CO_2$ ଓ $H_2O$ ସୃଷ୍ଟି ହେବ ?

A : $2NaHCO_3 \xrightarrow{\Delta} Na_2CO_3 + CO_2 + H_2O$

2 ମୋଲ୍ — 1 ମୋଲ୍ — 1 ମୋଲ୍ — 1 ମୋଲ୍

ଆବଶ୍ୟକ $NaHCO_3$

1 ମୋଲ୍ $Na_2CO_3$ ସୃଷ୍ଟି ହୁଏ 2 ମୋଲ୍ $NaHCO_3$ ରୁ

0.5 " " $2 \times 0.5 =$ 1 ମୋଲ୍ "

$CO_2$

1 ମୋଲ୍ $Na_2CO_3$ ସୃଷ୍ଟି ହୁଏ ବେଳେ 1 ମୋଲ୍ $CO_2$ ସୃଷ୍ଟି

0.5 " " " " 0.5 " $CO_2$

---

2 ମୋଲ୍ $NaHCO_3$ ରୁ ବାହାରିଥାଏ 1 mol $CO_2$

1 " " " 0.5 ମୋଲ୍ $CO_2$

$H_2O$

**Short-Cut**

$2NaHCO_3 \rightarrow Na_2CO_3 + CO_2 + H_2O$

2 mol ← 1 mol ⇐ 1 mol ← 1 mol

$2 \times 0.5 = 1$ mole ← 0.5 mol → 0.5 mol → 0.5 mol

---

Q : 5 ମୋଲ୍ ଆଲୁମିନିୟମ (ପରମାଣୁ) ସହିତ ଅଧିକ ମାତ୍ରାରେ ଅକ୍ସିଜେନ ଗ୍ୟାସ ସହିତ ସମ୍ପୂର୍ଣ୍ଣ ପ୍ରତିକ୍ରିୟା କଲେ କେତେ ମୋଲ୍ ଆଲୁମିନିୟମ ଅକ୍ସାଇଡ ସୃଷ୍ଟି ହେବ ? ଏହି ପ୍ରତିକ୍ରିୟାରେ କେତେ ମୋଲ୍ $O_2$ ଗ୍ୟାସ ବ୍ୟବହୃତ ହେବ ?

$4Al + 3O_2 \rightarrow 2Al_2O_3$

| $4Al$ | $3O_2$ | $2Al_2O_3$ |
|---|---|---|
| 4 mol | 3 mol | 2 mol |
| 5 mol | $\frac{3}{4} \times 5 = \frac{15}{4} = 3.75$ mol | $\frac{2}{4} \times 5 = 2.5$ mol |

---

Q : କେତେ ମୋଲ୍ Na ଧାତୁ ; ଅଧିକ ମାତ୍ରାରେ ଲଘୁ HCl ସହିତ ପ୍ରତିକ୍ରିୟା କରି 0.5 ମୋଲ୍ $H_2$ ଗ୍ୟାସ ସୃଷ୍ଟି କରିବ ? ଏହି ପ୍ରତିକ୍ରିୟାରେ କେତେ ମୋଲ୍ ଲଘୁ HCl ବ୍ୟବହୃତ ହେବ ?

A : $2Na + 2HCl \rightarrow 2NaCl + H_2$

| $2Na$ | $2HCl$ | $2NaCl$ | $H_2$ |
|---|---|---|---|
| 2 mol | 2 mol | 2 mol | 1 mol |
| 1 | 1 | 1 | 0.5 |

Na

1 ମୋଲ୍ $H_2$ → 2 ମୋଲ୍ Na

0.5 " → $2 \times 0.5 =$ 1 ମୋଲ୍ Na

HCl

2 ମୋଲ୍ Na → 2 ମୋଲ୍ HCl

1 ମୋଲ୍ Na → 1 ମୋଲ୍ HCl

---

ମୋଲ୍ – ବସ୍ତୁତ୍ୱ ସମ୍ପର୍କ

(Mole - Mass Relationship)

## ମୋଲ - ଦ୍ରବ୍ୟ ସମ୍ପର୍କ

**ପ୍ର** 0.2 ମୋଲ $NaHCO_3$ ର ଉତ୍ତାପରୁ ବିଘଟନରୁ କେତେ ଗ୍ରାମ $Na_2CO_3$ ଅବଶେଷ ସୃଷ୍ଟି ହେବ। ଏବଂ ଏହି ପ୍ରକ୍ରିୟାରେ କେତେ ଗ୍ରାମ $CO_2$ ଓ $H_2O$ ସୃଷ୍ଟି ହେବ

**A**

$$2NaHCO_3 \longrightarrow Na_2CO_3 + CO_2 + H_2O$$

| | $Na_2CO_3$ | $CO_2$ | $H_2O$ |
|---|---|---|---|
| 2 ମୋଲ | 1 ମୋଲ | 1 ମୋଲ | 1 ମୋଲ |
| 2 ମୋଲ | 106 g | 44 g | 18 g |
| ତେବେ 0.2 " | $\frac{106}{2} \times 0.2$ | $\frac{44}{2} \times 0.2$ | $\frac{18}{2} \times 0.2$ |
| | = 10.6 g | = 4.4 g | = 1.8 g |

**Q** : କେତେ ଗ୍ରାମ $NaHCO_3$ ର ଉତ୍ତାପରୁ ବିଘଟନରୁ 0.25 ମୋଲ $Na_2CO_3$ ଅବଶେଷ ସୃଷ୍ଟି ହେବ ? ଏହି ପ୍ରକ୍ରିୟାରେ କେତେ ମୋଲ $CO_2$ ଓ ଜଳ ସୃଷ୍ଟି ହେବ ?

**A**

$$2NaHCO_3 \longrightarrow Na_2CO_3 + CO_2 + H_2O$$

| $NaHCO_3$ | | $Na_2CO_3$ | $CO_2$ | $H_2O$ |
|---|---|---|---|---|
| 2 mol | ⟵ | 1 mol | 1 mol | 1 mol |
| 2×84 g | ⟵ | 0.25 mol | 0.25 mol | 0.25 mol |

$2 \times 84 \times 0.25$

$= \frac{168}{4}$

$= 42\,g$

**ଅଥବା**

1 ମୋଲ $Na_2CO_3$ ⟶ 2×84 g $NaHCO_3$

0.25 " ⟶ 2×84×0.25 = 42 g "